## କୃଷି ସୂଚନା ସେବା (ଧାନ)
## କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ

### ୨୦୧୫ ମସିହା ଜାନୁୟାରୀ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ❖ ଖରାଦିନିଆ ରୁଆ ଧାନ ଭାବରେ ବିଭିନ୍ନ କିସମ ଯଥା ନବୀନ, ଶତାବ୍ଦୀ, ଚନ୍ଦନ, ସି.ଆର.ଧାନ- ୬୦୧, ଲଲାଟ, MTU-1010, MTU-1001, ଲୁଣା ସଂଖୀ(ଉପକୂଳବର୍ତ୍ତୀ ଲୁଣା ଜମିପାଇଁ) ଏବଂ ଶଙ୍କର କିସମ ଯଥା ଅଜୟ ଏବଂ ରାଜଲକ୍ଷ୍ମୀ କିସମ ବ୍ୟବହାର କରନ୍ତୁ ।

- ❖ ଅଧିକ ଅମଳକ୍ଷମ ଧାନ ପାଇଁ ଏକ ହେକ୍ଟର ଜମିରେ ୪୦-୪୫ କି.ଗ୍ରା ଏବଂ ଶଙ୍କର କିସମ ପାଇଁ ୧୨ ରୁ ୧୫ କି.ଗ୍ରା. ବିହନ ବ୍ୟବହାର କରନ୍ତୁ ।

- ❖ ବୁଣିବା ପୂର୍ବରୁ ଧାନ ବିହନକୁ ୧ କି.ଗ୍ରା. ବିହନ ପାଇଁ ୨ ଗ୍ରାମ / ୧ ଲିଟର ପାଣି ହିସାବରେ କାର୍ବେନ୍‌ଡାଜିମ୍ ୫୦W.P (ବାଭିଷ୍ଟିନ୍ ୫୦ W.P) ରେ ବିଶୋଧନ କରନ୍ତୁ । ଧାନ ବିହନକୁ ୧୦ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ବୁଡାଇ ଛାଣି ଦିଅନ୍ତୁ । ଏହି ଉପଚାର ଧାନ ତଳିକୁ ୪୦ ଦିନ ପର୍ଯ୍ୟନ୍ତ ମହିଷା ରୋଗ ଦାଉରୁ ରକ୍ଷା କରିଥାଏ । ପାଣିରୁ ଛାଣି ଧାନକୁ ଭଲଭାବରେ ଅଖାରେ ୨୪ ଘଣ୍ଟା ପର୍ଯ୍ୟନ୍ତ ଅନ୍ଧାର ସ୍ଥାନରେ ଘୋଡାଇ ରଖିଲେ ତାହା ଶିଘ୍ର ଗଜା ହୋଇଯାଇଥାଏ ଏବଂ ତାକୁ ସିଧାସଳଖ ଭାବେ ବିଲରେ କିମ୍ବା ତଳିଘରାରେ ବୁଣନ୍ତୁ ।

- ❖ ଗଜା ହୋଇଥିବା ଧାନ ତଳିଘରାରେ ଯଥା ଶିଘ୍ର ବୁଣିଦେବା ଆବଶ୍ୟକ । ଏକ ହେକ୍ଟର ଜମିରେ ଧାନ ଚାଷ କରିବାକୁ ଥିଲେ ୮୦୦ ବର୍ଗମିଟର ସ୍ଥାନରେ ତଳିଘରା ଆବଶ୍ୟକ ହୋଇଥାଏ । ତଳିଘରାରେ ୮୦୦ ବର୍ଗମିଟର ସ୍ଥାନ ପାଇଁ ୧୦ କି.ଗ୍ରା. ଯବକ୍ଷାରଯାନ, ୧୦ କି.ଗ୍ରା. ଫସଫରସ୍ ଏବଂ ୧୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଶଙ୍କର କିସମ ପାଇଁ ୬୦୦ ବର୍ଗମିଟର ତଳିଘରା ଆବଶ୍ୟକ ପଡିଥାଏ । ସେଥିପାଇଁ ପ୍ରତି ବର୍ଗମିଟର ତଳିଘରାରେ ୨୦ ରୁ ୨୫ ଗ୍ରାମ୍ ଗଜା ହୋଇଥିବା ଧାନ ହିସାବରେ ବୁଣି ତଳିଘରା ପ୍ରସ୍ତୁତ କରନ୍ତୁ ।

- ❖ ତଳି ଘରାରେ ୨-୩ ଦିନ ପରେ ହାଲୁକା ଭାବେ ପାଣି ମଡାଇ ଦିଅନ୍ତୁ । ପରବର୍ତ୍ତୀ ପର୍ଯ୍ୟାୟରେ ହାଲୁକା ଭାବେ ନିୟମିତ ବ୍ୟବଧାନରେ ପାଣି ମଡାନ୍ତୁ ।

- ❖ ତଳି ଘରାରେ ତଳିପୋଡା ରୋଗ ପାଇଁ ଟିଲ୍ଟ ୨୫୦ ଇ.ସି. (ପ୍ରୋପିକୋନାଜଲ) ଏକ ଲିଟର ପାଣିରେ ୧ ମି.ଲି. ହିସାବରେ କିମ୍ବା କାର୍ବେନଡାଜିମ୍ ୫୦ **w.p** (ବାଭିଷ୍ଟିନ୍ ୫୦ **w.p)** ପ୍ରତି ଲିଟର ପାଣିରେ ୨ ଗ୍ରାମ ହିସାବରେ ତଳିଘରା ଭିଜାଇବା ପରି ସିଞ୍ଚନ କରନ୍ତୁ । ଏଥିପାଇଁ ୮୦୦ ବର୍ଗମିଟର ତଳିଘରାରେ ପ୍ରାୟ ୪୦ ଲିଟର ପର୍ଯ୍ୟନ୍ତ ଔଷଧ ଦ୍ରବଣ ଆବଶ୍ୟକ ପଡିଥାଏ ।

- ❖ ବର୍ଷାଦିନ ଧାନ କଟା ପରେ ଖରାଟିଆ ଛଟାବୁଣା ଧାନ କିମ୍ବା ରୁଆ ଧାନ ପାଇଁ ଜମିକୁ ଭଲଭାବେ ଚାଷ କରି ପାଣି ମଡାଇ କାଦୁଅ କରିବା ଉଚିତ ।

- ❖ ଦ୍ୱିତୀୟ ଥର ପାଇଁ ୭ ରୁ ୧୦ ଦିନ ପରେ କାଦୁଅ କରି ଜମିକୁ ସମତୁଲ କରିଦିଅନ୍ତୁ । ଏହା ଫଳରେ ସମାନ ଭାବରେ ଗଛ ରୁଆଯାଇପାରିବ ।

- ❖ ପ୍ରତି ହେକ୍ଟର ପିଛା ୧୦୦:୫୦:୫୦ କି.ଗ୍ରା. ହିସାବରେ ଯବକ୍ଷାରଜାନ,ଫସଫରସ ଏବଂ ପଟାସ୍ ସାର ବ୍ୟବହାର କରନ୍ତୁ । ସେହି ସାରର ଏକଚତୁର୍ଥାଂଶ ଭାଗ ଯବକ୍ଷାରଜାନ, ସମସ୍ତ ଫସ୍‌ଫରସ୍ ଏବଂ ଦୁଇ ତୃତୀୟାଂଶ ପଟାସ୍ ମୂଳସାର ଭାବେ ବ୍ୟବହାର କରିବା ଉଚିତ୍ ।

- ❖ ଶଙ୍କର କିସମ ଧାନରେ ହେକ୍ଟର ପିଛା ୧୨୦:୬୦:୬୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସଫରସ ଏବଂ ପଟାସ୍ ସାର ବ୍ୟବହାର କରନ୍ତୁ । ସେହି ସାରର ଏକ ଚତୁର୍ଥାଂଶ ଯବକ୍ଷାରଜାନ,ସମସ୍ତ ଫସ୍‌ଫରସ୍ ଏବଂ ତିନି ଚତୁର୍ଥାଂଶ ପଟାସ୍ ମୂଳସାର ଭାବେ ବ୍ୟବହାର କରିବା ଉଚିତ୍ ।

- ଧାଡି ରୁଆ ଧାନରେ ୨୫ ରୁ ୩୦ ଦିନିଆ ତଳି ବୁଦା ପ୍ରତି ୨ ରୁ ୩ ଟି ହିସାବରେ ୧୫ X ୧୫ ସେ.ମି. ବ୍ୟବଧାନରେ ରୋଇବା ଉଚିତ୍ ଏବଂ ଶଙ୍କର କିସମ ଧାନରେ ସମାନ ବ୍ୟବଧାନ ରଖି ବୁଦାପ୍ରତି ୧ ରୁ ୨ ଟି ତଳି ରୋଇବା ଉଚିତ ।
- ରୁଆ ଧାନରେ ବାଲୁଙ୍ଗା ଦମନ ପାଇଁ ବେନ୍‌ସଲଫ୍ୟୁରାନ୍ ମିଥାଇଲ ସହିତ ପ୍ରେଟିଲାକ୍ଲୋର (Londox ଗୁଣ୍ଡ) ପ୍ରତି ହେକ୍ଟର ପିଛା ୧୦ କି.ଗ୍ରା. ହିସାବରେ ରୋଇବାର ୮ ଦିନ ପରେ ପ୍ରୟୋଗ କରନ୍ତୁ । ଏହା ଦାନାଦାର ହୋଇଥିବାରୁ ପ୍ରତି ହେକ୍ଟର ପିଛା ୩୦ କି.ଗ୍ରା. ବାଲି ଏହା ସହିତ ମିଶାଇ ବିଲରେ ସମାନତା ରକ୍ଷା କରି ପ୍ରୟୋଗ କରନ୍ତୁ ।
- ଆର୍ଦ୍ରତା ଥିବା ବିଲ ଯେଉଁଠାରେ ଧାନ ସିଧା ବୁଣା ହୋଇଥାଏ ସେହିଠାରେ ବାଲୁଙ୍ଗା ଦମନ ପାଇଁ ପ୍ରତି ହେକ୍ଟର ପିଛା ୩୫ ଗ୍ରାମ ହିସାବରେ ଆଜିମ୍‌ସଲଫ୍ୟୁରାନ୍ (ସେଗ୍‌ମେଣ୍ଟ) ୩୫୦ ଲିଟର ପାଣିରେ ମିଶାଇ ଧାନ ବୁଣିବାର ୧୫ ଦିନ ପରେ ଅଥବା ବାଲୁଙ୍ଗା ଗଛରେ ୩-୪ ପତ୍ର ହୋଇଥିବା ସମୟରେ ସିଞ୍ଚନ କରନ୍ତୁ ।

*****